# Akashvani, Sambalpur

## SAMBALPURI NEWS EVENING BULLETIN

## 19 May 2026-7.02- 7.12 pm.

---

୧- ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ଚାଷ୍ ଆଉ ଚାଷୀମାନ୍‌କର୍ ଗୁରୁତ୍ୱ ଆଏବା ଦିନେ ଆହୁରି ବଢ଼୍‌ବା ବଲି କହେଲେ କେନ୍ଦ୍ର କୃଷିମନ୍ତ୍ରୀ ।

- ମାଟିର୍ ସ୍ୱାସ୍ଥ୍ୟ ରକ୍ଷା ଲାଗି ମୁଲ୍ କରାଯିବା 'ଖେତ୍ ବଂଚାଅ' ଅଭିଯାନ୍ ।

୨- ଭୁବ୍‌ନେଶ୍ୱର୍ ନ ଥାପ୍‌ନା ହେବା ଇଏସ୍‌ଆଇ କଲେଜ୍ ଆଉ ହସ୍ପିଟାଲ୍ ।

୩- ଆଏବା କାଏଲ୍ ବାହାର୍‌ବା ଯୁକ୍ତ ଦୁଇ ପରୀକ୍ଷାଫଲ୍ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜାରି ରହିଛେ ଗରମ୍ ।

- ମାସର୍ ଶେଷ୍ତକ୍ ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ପୁହୁଁଚିପାରେ କେରଳମ୍ ।

କୃଷିମନ୍ତ୍ରୀ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଦେଶର୍ ଅର୍ଥ ବ୍ୟବସ୍ଥାଥି ଚାଷ୍ କ୍ଷେତ୍ରକେ ଅଏତ୍କା ବର୍କସ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ଭିନ୍ ଭିନ୍ ଉନ୍ନୟନ୍ମୂଲକ୍ ଯୋଜ୍ନା କାର୍ଯ୍ୟକାରୀ କରିଛନ୍ ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବ୍ରାଜ୍ ସିଂ ଚୌହାନ୍ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଆୟୋଜିତ ପୂର୍ବାଂଚଲ୍ ରାଜ୍ୟମାନ୍କର୍ କୃଷିମନ୍ତ୍ରୀ ସମ୍ମିଳନୀଥି ଯୋଗ୍ ଦେଇକରି ଶ୍ରୀ ଚୌହାନ୍ କହିଛନ୍, ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍ବାର୍ ଦିଗେ ଚାଷ୍ ଆଉ ଚାଷୀମାନ୍କର୍ ଗୁରୁତ୍ୱ ଆଏବା ଦିନେ ଆହୁରି ଅଏତ୍କା ବଢ଼୍ବା । ଇ ବଛର୍ ଓଡ଼ିଶା ଧାନ ଘିନା କ୍ଷେତ୍ରଥି ରେକର୍ଡ଼ କରିଛେ । ରାଏଜେ ୭୬ ଲାଖ ମେଟ୍ରିକ୍ ଟନ୍ନୁ ଅଏତ୍କା ଧାନ୍ ଘିନା ସାଙ୍ଗେ ଚାଷୀମାନ୍କୁ ପୁରା ଟଙ୍କା ଦିଆଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

(ଭଏସ୍ ଓଭର୍- ଶିବ୍ରାଜ୍ ସିଂ ଚୌହାନ୍)

ପୂର୍ବାଂଚଲ୍ ରାଜ୍ୟମାନ୍କର୍ ଉର୍ବର ମାଏଟ୍, ଅନୁକୂଳ ଜଲ୍ବାୟୁ ଆଉ ଚାଷୀମାନ୍କର୍ ପରିଶ୍ରମ୍ର ପ୍ରଶଂସା କରିକରି ସେ କହିଛନ୍, ଇ ଅଂଚଲ୍ ସବୁ ଦେଶେ ଚାଷ୍ର ବିକାଶ୍ର ମୁଖିଆ କେନ୍ଦ୍ର ଭାବେ ବିକଶିତ୍ ହେବାର୍ ସମ୍ଭାବନା ରହିଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱଥି କେନ୍ଦ୍ର ସର୍କାର୍ ଚାଷୀମାନ୍କର୍ କମାନି ବଢ଼ାବାର୍ ଆଉ ଚାଷ୍ କ୍ଷେତ୍ର୍ର୍ ସର୍ବାଙ୍ଗିନ୍ ଉନ୍ନତି ଲାଗି ପ୍ରତିବଦ୍ଧ ଆନ୍ ବଲି ସେ କହିଛନ୍ ।

ଦେଶେ ସ୍ଥାୟୀ ଚାଷ୍ ପ୍ରଣାଲୀକେ ତହଁକାବାର୍ ଆଉ ଆଦର୍ଶ କୃଷି ମୋଡ଼େଲ୍ ଗଠନ୍ର ଆବଶ୍ୟକତାକେ ସର୍କାର୍ ଜୋର୍ ଦଉଛନ୍ । ଅତ୍ୟଧିକ୍ ରାସାୟନିକ୍ ସାର୍ ବେଭାର୍ ଲାଗି ମାଟିର୍ ଉର୍ବରତା ଆଉ ଚାଷ୍ ଉତ୍ପାଦନ୍ ପ୍ରଭାବିତ୍ ହେଉଛେ । ଚାଷ୍ ଜମିର୍ ସୁରକ୍ଷା ସହେତେ ସନ୍ତୁଳିତ ଚାଷ୍ ପଦ୍ଧତି ଅପ୍ନାବାର୍ ଲାଗି ସମ୍ମିଲନୀଥି କୃଷିମନ୍ତ୍ରୀ ପରାମର୍ଶ ଦେଇଛନ୍ । କୃଷକ୍ ପଞ୍ଜିକରଣ୍ ବ୍ୟବସ୍ଥାର୍ ଗୁରୁତ୍ୱ ବାବ୍ଦେ ଶ୍ରୀ ଚୌହାନ୍ କହିଛନ୍, ଇଥିର୍ ଜରିଏ ଚାଷୀମାନ୍କର୍ ଜମିନ୍, ପରିବାର୍ ଆଉ ଫସଲ୍ ବାବଦ୍ ସବୁ ତଥ୍ୟ ଗୁଟେ ପ୍ଲାଟ୍ଫର୍ମଥି ମିଲିପାର୍ବା । ଇତାର୍ ସହେତେ ଚାଷୀମାନେ

ସହଜ୍‌ଥି ରଣ ଆଉ ସର୍‌କାରୀ ସାହାଜ୍ ପାଇପାର୍‌ବେ । କୃଷକ୍ କଲ୍ୟାଣ୍ ଲାଗି ଅଧିକାରୀମାନେ ଦାୟିତ୍ୱବୋଧ ସହେତେ କାମ୍ କର୍‌ବାର୍‌କେ ସେ ଆହ୍ୱାନ୍ ଦେଇଛନ୍ ।

ଶିବରାଜ୍ ସିଂ ଚୌହାନ-ପୂର୍ବାଂଚଲ୍ ପ୍ଲାନ୍ ଭୁବ୍‌ନେଶ୍ୱର ସମ୍ବାଦଦାତା

ପୂର୍ବ ଭାରତ୍ ନ ଚାଷ୍‌ର ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ନୂଆଁ ରଣନୀତି ତିଆର୍ କରିଛନ୍ । ଧାନ୍ ଅମଲ୍ ଉତ୍‌ରୁ ଜମିନ୍ ଆଉ ଖାଲି ନାଇଁ ପଡ୍ସେ । ମାଟିର୍ ସ୍ୱାସ୍ଥ୍ୟ ରକ୍ଷା ଲାଗି 'ଖେତ୍ ବଂଚାଅ' ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଆଏବା ୧ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଘୋଷ୍‌ନା କରିଛନ୍ । ଚାଷ୍‌ର ବିକାଶ୍ ଲାଗି ସର୍‌କାର୍ - ଖାଦ୍ୟ ସୁରକ୍ଷା, ପୋଷଣ୍ ସୁରକ୍ଷା, ଚାଷୀମାନ୍‌କର୍ କମାନୀ ବଢ଼ାବାର୍, ଉତ୍ପାଦନ୍ ଖର୍ଚ୍ଚା କମାବାର୍ ଆଉ ଚାଷୀମାନ୍‌କୁ ଦରବ୍‌ର ଠିକ୍ ଦାମ୍ ଦେବାର୍ ବାଗିର୍ ୫ଟା ମୁଖ୍ୟ ଲକ୍ଷ୍ୟ ଉପ୍‌ରେ କାମ୍ କରୁଛନ୍ । ଓଡ଼ିଶା ଆମ୍ ଆଉ ମୁଖ୍‌ଫଲି ଉତ୍ପାଦନ୍‌ଥି ପୁର୍‌ଥି ନ ୧ ନମ୍ବର୍ ହେବାର୍ କ୍ଷମତା ରଖୁଛେ ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ । ଧାନ୍

ଅମଲ୍ ଉତ୍ରୁ ଜମିନ୍‌କେ ପଡ଼ିଆ ନାଇଁ ରଖିକରି ଦାଏଲ୍ ଚାଷ୍ କର୍‌ବାର୍‌କେ ସେ କହିଛନ୍ । ପି.ଏମ୍. ଆଶା ଯୋଜ୍‌ନାଥି ସର୍‌କାର୍ ୧୦ ପ୍ରତିଶତ୍ ଏମ୍‌ଏସ୍‌ପିଥି ଦାଏଲ୍ ଘିନ୍‌ବେ । ଦାଏଲ୍ ମିଲ୍ ଲାଗି ୨୫ ଲାଖ୍ ଆଉ ତେଲ୍ ମିଲ୍ ଲାଗି ୧୦ ଲାଖ୍ ଟଙ୍କା ସାହାଜ୍ ମିଲ୍‌ବା । ନକ୍‌ଲି ବିହନ୍ ଆଉ କୀଟନାଶକ୍ ବିକ୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନୂଆଁ ସିଡ୍ ଆକ୍ଟ ଆଉ ପେଷ୍ଟିସାଇଡ୍ ଆକ୍ଟ ଆନୁଛନ୍ । ନକ୍‌ଲି ଦରବ୍ ବିକ୍‌ଲେ ବଡ଼ ଜରିମାନା ସହେତେ ଜେଲ୍‌ଦଣ୍ଡ ଭିଲ୍ ହେବା ବଲି ମନ୍ତ୍ରୀ ଚେତାବନୀ ଦେଇଛନ୍ ।

ଭୁବ୍‌ନେଶ୍ୱର ନ ଓଡ଼ିଶା, ବିହାର୍, ଛତିଶ୍‌ଗଡ଼୍, ପଶ୍ଚିମବଙ୍ଗ୍ ଆଉ ଝାର୍‌ଖଣ୍ଡ୍‌ର କୃଷିମନ୍ତ୍ରୀ ଆଉ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଉତ୍ରୁ ସେ ଇ ସୂଚ୍‌ନା ଦେଇଛନ୍ । ବୈଠକ୍‌ଥି ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଉପସ୍ଥିତ୍ ଥିଲେ ।

ଇଏସ୍‌ଆଇ ମେଡ଼ିକାଲ୍ କଲେଜ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଅନ୍ଧାରୁଆ ଠାନେ ଇଏସ୍‌ଆଇ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ଥାପ୍‌ନା ଲାଗି ଗଲାକାଏଲ୍ ରାଜ୍ୟ ସର୍‌କାର୍‌ଙ୍କର୍ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଇ.ଏସ୍.ଆଇ.ସି. ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଅନ୍ଧାରୁଆ ନ ସ୍ଥାୟୀ ଭିତିଭୂମି ତିଆର୍ ହେବାର୍‌ତକ୍ ମେଡ଼ିକାଲ୍ କଲେଜ୍‌ର କାମ୍ ତୁର୍‌ତି ମୁଲ୍ କର୍‌ବାର୍ ଲାଗି ଚନ୍ଦ୍ରଶେଖର୍‌ପୁର୍ ନ ଥିବା ଇଏସ୍‌ଆଇ ହସ୍ପିଟାଲ୍‌କେ ବେଭାର୍ କରାଯିବା । ଶ୍ରମ ବିଭାଗ୍ ତର୍‌ଫୁ ହସ୍ପିଟାଲ୍‌କେ ଆନୁଷ୍ଠାନିକ୍ ଭାବେ ଇଏସ୍‌ଆଇ.ସି.କେ ହସ୍ତାନ୍ତର୍ କରାଯାଇଛେ । ଇ ନୂଆଁ ମେଡ଼ିକାଲ୍ କଲେଜ୍ ଥାପ୍‌ନା ହେଲେ ରାଜ୍ୟର୍ ଶ୍ରମିକ୍ ଆଉ ବୀମାଭୁକ୍ତ କର୍ମଚାରୀମାନେ ଆଏବାଦିନେ ଅତ୍ୟାଧୁନିକ୍ ଚିକିତ୍ସାସେବା ପାଇପାର୍‌ବେ । ଭୁବ୍‌ନେଶ୍ୱର୍ ଖାରବେଳଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ଚୁକ୍ତି ସ୍ୱାକ୍ଷର୍ କାର୍ଯ୍ୟକ୍ରମଥି ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଚିତ୍ରା ଆରୁମୁଗମ୍ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍ଥି ସେମାନ୍କର୍ ମତାମତ୍ ଦେଇପାର୍ବେ । ଇତାର୍ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍ବେ । ୧୯୨୨ ନମ୍ବର୍କେ ମିସଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍ବେ ।

ସିଏଚ୍ଏସ୍ଇ ରିଜଲ୍ଟ       ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ସିଏଚ୍ଏସ୍ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଫଳ୍ ଆଏବା କାଏଲ୍ ବାହାର୍ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ମଏଧାନର୍ ସାଢ଼େ ୧୨ ବଜେ ପରିଷଦ୍ କାର୍ଯ୍ୟାଳୟ ନ ମନ୍ତ୍ରୀ ଶ୍ରୀ ଗଣ୍ଡ ପରୀକ୍ଷାଫଲ ପୁସ୍ତିକା ଉନ୍ମୋଚନ୍ କର୍ବେ । ଉପର୍ବେଲା ୩ ବଜେ results.orissa.gov.in ଆଉ results.digilocker.gov.in ଥି ଲଗ୍ଇନ୍ କରିକରି ଛାତ୍ରଛାତ୍ରୀମାନେ ପରୀକ୍ଷାଫଳ୍ ଜାନିପାର୍ବେ । ଇ ବଛର୍ ପାଖାପାଖି ୪ ଲାଖ୍ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ବିଷେଥି ପରୀକ୍ଷା ଦେଇଛନ୍ । ସେଆଡ଼େ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଫର୍ମ ଫିଲ୍ଅପ୍ ପ୍ରକ୍ରିୟା ଇ ମାସର୍ ୨୫ ତାରିଖ୍ତକ୍ ବଢ଼ାଯାଇଛେ । ମାଧ୍ୟମିକ୍ ଶିକ୍ଷା ପରିଷଦ୍ - ବୋର୍ଡ଼ର ସୂଚ୍ନା ଅନ୍ସାରେ ମେଟ୍ରିକ୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଆବେଦନ୍ ସମୟସୀମାକେ ଭିଲ୍ ବଢ଼ାଯାଇଛେ । ଇ ବଛର୍ ମେଟ୍ରିକ୍ ରେଗୁଲାର୍ ଆଉ ଏକ୍ସରେଗୁଲାର୍ ପରୀକ୍ଷାଥି ୮ ହଜାର୍ନୁ ଅଏତ୍କା ପରୀକ୍ଷାର୍ଥୀ

ଅନୁପସ୍ଥିତ୍ ଥିଲେ ଆଉ ୧୭ ହଜାର୍ ୫୫ ଜଣ୍ ଫେଲ୍ ହେଇଥିଲେ । ସେମାନ୍‌କୁ ଫେର୍‌ଥରେ ସୁଯୋଗ୍ ଦେବାର୍ ଲାଗି ସପ୍ଲିମେଂଟାରୀ ପରୀକ୍ଷା ଲାଗି ଫର୍ମ ଆବେଦନ୍ କରାଯାଇଛେ ।

ଶିକ୍ଷକ୍, ଶିକ୍ଷା କାର୍ଯ୍ୟକ୍ରମ୍ ଆବେଦନ୍ ଆଇ.ଆଣ୍ଡ୍.ପି.ଆର୍

ରାଷ୍ଟ୍ରୀୟ ଶୈକ୍ଷିକ୍ ଅନୁସନ୍ଧାନ୍ ଆଉ ପ୍ରଶିକ୍ଷଣ୍ ପରିଷଦ୍ ଏନ୍.ସି.ଇ.ଆର୍.ଟି. ଭିନ୍ ଭିନ୍ ଶିକ୍ଷକ୍, ଶିକ୍ଷା କାର୍ଯ୍ୟକ୍ରମ୍ ଲାଗି ଅନ୍‌ଲାଇନ୍ ଆବେଦନ୍ ଆହ୍ୱାନ୍ କରିଛେ । ୫ ଟା କୋର୍ସ୍‌ଥି ନାଁଲେଖା ଲାଗି ସାଧାରଣ୍ ପ୍ରବେଶ୍ ପରୀକ୍ଷା ସିସିଇ -୨୦୨୬ ଜରିଏ କରାଯିବା । ଆବେଦନ୍ ପ୍ରକ୍ରିୟା ୧୫ ମେ ନୁ ମୁଲ୍ ହେଇଛେ ଆଉ ଇଟା ଜୁନ୍ ୫ ତାରିଖ୍‌ତକ୍ ଚାଲ୍‌ବା । ଆଗ୍ରହୀ ପ୍ରାର୍ଥୀମାନେ ସିଇଇ-୨୦୨୬ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ପରୀକ୍ଷା ଜୁନ୍ ୨୮ ତାରିଖ୍ ଦିନ ସାରାଦେଶେ କରାଯିବା ବଲି ଏନ୍.ସି.ଇ.ଆର୍.ଟି. ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନ୍ୱେଷଣ୍	ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ କ୍ରାଇମ୍‌ବ୍ରାଂଚ୍‌ର ମହିଳା ଆଉ ଶିଶୁ ଅପରାଧ୍ ନିରାକରଣ୍ ଶାଖା ସିଏଡବ୍ଲୁ ଏଣ୍ଡ୍ ସି.ଡବ୍ଲୁ ତର୍‌ଫୁ ନିଖୋଜ୍ ଛୁଆମାନ୍‌କୁ ଖୁଜ୍‌ବାର୍ ଲାଗି ଆଏବା ଗୁରୁବାର୍‌ନୁ ୩୦ ତାରିଖ୍‌ତକ୍ ଅପରେସନ୍ ଅନ୍ୱେଷଣ୍ ମୁଲ୍ ହେବା । ଇ ଅଭିଯାନ୍‌ଥି ପୁଲିସ୍ ଅଲ୍‌ଗା ରାଜ୍ୟକେ ଯାଇକରି ନିଖୋଜ୍ ଛୁଆମାନ୍‌କୁ ଖୁଜ୍‌ବା । ଇଥିର୍‌ଲାଗି ସବୁ ରେଞ୍ଜ୍ ଆଇ.ଜି. ଆଉ ଡି.ଆଇ.ଜି.ଙ୍କୁ ସିଏଡବ୍ଲୁ ଏଣ୍ଡ୍ ସି.ଡବ୍ଲୁ ତର୍‌ଫୁ ଚିଠି ଜରିଏ ଜନେଇ ଦିଆଯାଇଛେ । ରାଜ୍ୟ ପୁଲିସ୍ ସାଙ୍ଗେ ତାଲ୍‌ମେଲ୍ ରଖ୍‌ବାର୍ ଲାଗି କମିଶନରେଟ୍ ପୁଲିସ୍ ସହେତେ ୮ ଟା ରେଞ୍ଜ୍‌କେ ଦାୟିତ୍ୱ ଦିଆଯାଇଛେ । ସେମାନେ ପଶ୍ଚିମବଙ୍ଗ୍, ଆସାମ୍, ନୂଆଦିଲ୍ଲୀ ସହେତେ ୧୩ ଟା ରାଜ୍ୟକେ ଯାଇକରି ନିଖୋଜ୍ ଛୁଆମାନ୍‌କୁ ଖୁଜ୍‌ବେ ।

ବନକଲାଗି	ପୁରୀ ସମ୍ବାଦଦାତା

ଜ୍ୟେଷ୍ଠ ମାସର୍ ଅନ୍ଧାର୍‌ପଖର୍ ଚତୁର୍ଥୀ ତିଥି  ଅବ୍‌ସରେ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର ନ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯିବା । ୨ ନମ୍ବର୍ ଭୋଗ ମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ବଜେନୁ ରାତି ୧୦ ବଜେତକ୍ ଇ ନୀତି କରାଯିବା । ବନକଲାଗି ନୀତି ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ମାହାପୁରୁମାନ୍‌କର୍ ସର୍ବସାଧାରଣ୍ ଦର୍ଶନ୍ ୪ ଘଂଟା ଲାଗି ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରଥଚକ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ତିନ୍‌ହି ରଥର୍ ୪୨ ଟା ଚକର୍ ତିଆର୍ କାମ୍ ଶେଷ୍ ଖେପେ ପୁହୁଁଚିଛେ । ଭୋଇ ସେବକ ମାନ୍‌କର୍ ଦେଖିରେଖିଥି ସିଙ୍ଗଡ଼ା ପିଟା କାମ ଶେଷ୍ ହେଇଛେ । ରଥଖଲା ନ ମହାରଣା ସେବକ୍‌ମାନେ ୨ ଟା ଧୂଳିଦଣ୍ଡା ତିଆର୍ କରୁଛନ୍ । ଗୁଟେ ଛାର୍‌ପରିଛା ଶେଷ୍ ହେଇଥିବାର ବେଲେ ଆରଟା ତିଆର୍ ଚାଲିଛେ । ଦୋଲବେଦୀ ନ ତିଆର୍

କରାଯାଇଥିବା ଅସ୍ଥାୟୀ କମାରଶାଳା ନ ଓଝା ସେବକ୍‌ମାନେ ତିନ୍‌ହି ରଥର୍ ଦଣ୍ଡା କଂଟା ତିଆର୍ କାମ୍ ଜାରି ରଖିଛନ୍ । ଦୋଳ ବେଦୀ ନ ମାହାପୁରୁଙ୍କର୍ ସ୍ନାନଯାତ୍ରା ଆଉ ରଥଯାତ୍ରାଥି ପୂଜାନୀତି ଲାଗି କୁରୁମ୍ ପିଢ଼ା, ବିଜେଡୋରୀ ଆଉ ପଇତା ପ୍ରସ୍ତୁତି ଲାଗି ପ୍ରକ୍ରିୟା ମୁଲ୍ ହେଇଛେ ।

ଅଭିଯାନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଜନଭାଗିଦାରୀ ଅଭିଯାନ୍ ମୁଲ୍ ହେଇଛେ । ଜିଲ୍ଲାର୍ ବୌଦ୍ଧ, ହର୍‌ଭଙ୍ଗା ଆଉ କଂଟାମାଲ୍ ବ୍ଲକ୍ ନ ଆଦିମ ଜନଜାତି, ଆଦିବାସୀ ବହୁଳ ଗାଁମାନ୍‌କେ ଆଏବା ୨୫ ତାରିଖ୍‌ତକ୍ ଖେପ୍ ଖେପ୍ କରି ଇ ଅଭିଯାନ୍ କରାଯିବା । ଜନଜାତି ସମ୍ପ୍ରଦାୟର୍ ସଶକ୍ତିକରଣ୍, ସେମାନ୍‌କର୍ ଐତିହ୍ୟର୍ ସୁରକ୍ଷା ଆଉ ଅଧିକାର୍‌କେ ସୁନିର୍ଶ୍ଚିତ୍ କର୍‌ବାର୍‌ଟା ହେଉଛେ ଇତାର୍ ମୂଳ ଲକ୍ଷ୍ୟ । ତୃଣମୂଳ୍ ସ୍ତର୍ ନ ଲୋକ୍‌ମାନ୍‌କର୍ ସକ୍ରିୟ ଭାଗିଦାରୀ ସହେତେ ଇତାକେ କାର୍ଯ୍ୟକାରୀ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଲାଗି ରହିଛେ । ପଶ୍ଚିମ ଓଡ଼ିଶାର୍ ବଡ଼୍‌ଭାଗୀ ଜାଗା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହୁଥିବାର୍ ସୂଚ୍‌ନା ଆମ୍‌କୁ ମିଲିଛେ । ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୮ ଟା ଜିଲ୍ଲାର୍ କେତେଟା ଜାଗା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ିର୍ ଅନୁମାନ୍ କରାଯାଇଛେ । ସେଆଡ଼େ ମୌସୁମୀ ବାୟୁ ଇ ମାସର୍ ଶେଷ୍‌ତକ୍ କେରଲମ୍ ନ ପୁହୁଁଚିବାର୍ ଲାଗି ପାଗ ଅନୁଗୁଳ ରହିଛେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।